# NATIONAL NEWS BULLETIN (ODIA)

## 25 May - 2026

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆଜି ୬୬ ଜଣଙ୍କୁ ସମ୍ମାନଜନକ ପଦ୍ମ ପୁରସ୍କାର ପ୍ରଦାନ କରିବେ ରାଷ୍ଟ୍ରପତି

- ଆମେରିକାର ସ୍ୱାଧୀନତାର ୨୫୦ ବର୍ଷ ପାଳନ ଅବସରରେ ଭାରତକୁ ପ୍ରଶଂସା କଲେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ

- ଇଦ୍-ଉଲ୍-ଜୁହା ଛୁଟି ତାରିଖରେ ପରିବର୍ତ୍ତନ ଯୋଗୁଁ ଏକକ ସ୍ନାତକ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ସ୍ଥଗିତ

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଗତକାଲି ଅନୁଷ୍ଠିତ ୨ଟି ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସ ଏବଂ ରାଜସ୍ଥାନ ରୟାଲ୍‌ସ ବିଜୟୀ

# ପ୍ରେଜ୍ ପଦ୍ମ ଆୱାର୍ଡ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ରପତି ଭବନରେ ଏକ ସ୍ୱତନ୍ତ୍ର ଉତ୍ସବରେ ୨୦୨୬ ପାଇଁ ୬୬ ଜଣଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରିବେ। ଉତ୍ସବରେ ଉପରାଷ୍ଟ୍ରପତି ସି.ପି ରାଧାକୃଷ୍ଣନ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିବେ । ରାଷ୍ଟ୍ରପତି ଦୁଇଟି ପଦ୍ମ ବିଭୂଷଣ, ଛଅଟି ପଦ୍ମ ଭୂଷଣ ଏବଂ ୫୮ ଟି ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିବେ। ୨୦୨୬ ବର୍ଷ ପାଇଁ ରାଷ୍ଟ୍ରପତି ପାଞ୍ଚ ଜଣଙ୍କୁ ପଦ୍ମ ବିଭୂଷଣ, ୧୩ ଜଣଙ୍କୁ ପଦ୍ମ ଭୂଷଣ ଏବଂ ୧୧୩ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର ସମେତ ୧୩୧ ଜଣଙ୍କୁ ପଦ୍ମ ପୁରସ୍କାର ପ୍ରଦାନ ପାଇଁ ଅନୁମୋଦନ କରିଛନ୍ତି। ସମାରୋହର ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟ ପଦ୍ମ ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯିବ। ପ୍ରତିବର୍ଷ ଗଣତନ୍ତ୍ର ଦିବସ ଅବସରରେ ଏହି ପୁରସ୍କାର ଘୋଷଣା କରାଯାଏ। କଳା, ସମାଜସେବା, ବିଜ୍ଞାନ ଏବଂ ଇଞ୍ଜିନିୟରିଂ, ବାଣିଜ୍ୟ ଏବଂ ଶିଳ୍ପ, ଔଷଧ, ସାହିତ୍ୟ ଏବଂ ଶିକ୍ଷା, କ୍ରୀଡା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପଦ୍ମ ପୁରସ୍କାର ପ୍ରଦାନ କରାଯାଇଥାଏ । ଓଡ଼ିଶାରୁ ଚରଣ ହେମ୍ବ୍ରମ୍, ମହେନ୍ଦ୍ର କୁମାର ମିଶ୍ର, ଶରତ କୁମାର ପାତ୍ର ଏବଂ ସୀମାଞ୍ଚଳ ପାତ୍ର ପଦ୍ମଶ୍ରୀ ପାଇଁ ମନୋନୀତ ହୋଇଥିବା ବେଳେ ଆଜି ମହେନ୍ଦ୍ର କୁମାର ମିଶ୍ର ପୁରସ୍କୃତ ହେବେ ।

# ମଷ୍ଟ ଆନାଉନ୍ସମେଣ୍ଟ- ପଦ୍ମ

ପଦ୍ମ ପୁରସ୍କାର ପ୍ରଦାନର ପ୍ରଥମ ପର୍ଯ୍ୟାୟ ଉପଲକ୍ଷେ ଆକାଶବାଣୀ ପକ୍ଷରୁ 'ଲୋକଙ୍କ ପଦ୍ମ' ଧାରାବାହିକରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରଚାର କରାଯିବ । ଏଥିରେ ପଦ୍ମ ପୁରସ୍କାରପ୍ରାପ୍ତ ବ୍ୟକ୍ତିତ୍ୱଙ୍କ ଜୀବନୀ ଓ କାର୍ଯ୍ୟାବଳୀ ଉପରେ ଆଲୋକପାତ କରାଯିବ ।

ଏହି କାର୍ଯ୍ୟକ୍ରମ ଆଜି ସକାଳ ୯ଟା ୧୦ ମିନିଟ୍‌ରେ ୧୦୦ ଦଶମିକ୍ ୧ ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍‌ରେ ପ୍ରସାରଣ କରାଯିବ । ଏହି କାର୍ଯ୍ୟକ୍ରମ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ଅଫିସିଆଲ୍ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ଉପଲବ୍ଧ ହେବ ।

# ଟ୍ରମ୍ପ-ପିଏମ୍ ମୋଦୀ

ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଆମେରିକାର ସ୍ୱାଧୀନତାର ୨୫୦ ବର୍ଷ ପାଳନ ଅବସରରେ ଗତକାଲି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତରେ ଅବସ୍ଥାପିତ ରାଷ୍ଟ୍ରଦୂତ ସର୍ଗିଓ ଗୋରଙ୍କୁ ଫୋନ ଯୋଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବନ୍ଧୁ ଭାବରେ ବର୍ଣ୍ଣନା କରି କହିଥିଲେ, ଦୁଇରାଷ୍ଟ୍ର ମଧ୍ୟରେ ପୂର୍ବରୁ ସମ୍ପର୍କ ଏତେ ଘନିଷ୍ଠ ନଥିଲା । ସେ କହିଥିଲେ, ସେ ଭାରତକୁ ଭଲ ପାଆନ୍ତି ଏବଂ ନିଜକୁ ପ୍ରଧାନମନ୍ତ୍ରୀ ମୋଦିଙ୍କର ସେ ଜଣେ ବଡ଼ ପ୍ରଶଂସକ ଅଟନ୍ତି । ଶ୍ରୀ ଟ୍ରମ୍ପ କହିଥିଲେ,

ଭାରତ ତାଙ୍କ ଉପରେ ଶତପ୍ରତିଶତ ଭରସା କରିପାରିବ। ସେଠାରେ ଉପସ୍ଥିତ ଲୋକମାନଙ୍କୁ ଶ୍ରୀ ଟ୍ରମ୍ପଙ୍କ ମନ୍ତବ୍ୟ ଶୁଣାଇବା ପାଇଁ ଆମେରିକା ରାଷ୍ଟ୍ରଦୂତ ତାଙ୍କ ଫୋନକୁ ମାଇକ୍ରୋଫୋନରେ ଧରିଥିଲେ। କାର୍ଯ୍ୟକ୍ରମରେ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍‌. ଜୟଶଙ୍କର ଏବଂ ଆମେରିକା ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଉପସ୍ଥିତ ଥିଲେ।

ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଚାରି ଦିନିଆ ଭାରତ ଗସ୍ତ ଆସିଥିବା ବେଳେ ସେଠାକାର ରାଷ୍ଟ୍ରପତିଙ୍କ ଏଭଳି ମନ୍ତବ୍ୟ ଗୁରୁତ୍ୱ ବହନ କରୁଛି । ଶ୍ରୀ ରୁବିଓ ଶନିବାର ଦିନ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସାକ୍ଷାତ କରିଥିବା ବେଳେ ଗତକାଲି ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ ।

## ଶାହା ଟ୍ରାଇବାଲ୍-ୟୁସିସି

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ କହିଛନ୍ତି ସରକାର ସମସ୍ତ ଆଦିବାସୀ ସମ୍ପ୍ରଦାୟକୁ ଏକକ ନାଗରିକ ସଂହିତା ପରିସରରୁ ବାଦ ଦେବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି । ଏହାଦ୍ୱାରା ଆଦିବାସୀମାନଙ୍କର ଅଧିକାର ସମ୍ପୂର୍ଣ୍ଣ ସୁରକ୍ଷିତ ରହିବ ବୋଲି ଶ୍ରୀ ଶାହା କହିଛନ୍ତି। ନୂଆଦିଲ୍ଲୀରେ ଜନଜାତି ସାଂସ୍କୃତିକ ସମାବେଶରେ ଉଦ୍‌ବୋଧନ ଦେଇ ଶ୍ରୀ ଶାହା କହିଛନ୍ତି ଏକକ ନାଗରିକ ସଂହିତା ଆଦିବାସୀ ସଂପ୍ରଦାର କୌଣସି

ଆଦିବାସୀ ଅଧିକାରକୁ ଉଲ୍ଲଂଘନ କରିବ ନାହିଁ। ସ୍ୱାଧୀନତା ସଂଗ୍ରାମୀ ତଥା ଆଦିବାସୀ ନେତା ଭଗବାନ ବିର୍ସା ମୁଣ୍ଡାଙ୍କ ଐତିହ୍ୟକୁ ମନେ ପକାଇ ଶ୍ରୀ ଶାହା କହିଛନ୍ତି ଯେ ଆଦିବାସୀ ସମ୍ପ୍ରଦାୟଙ୍କ ପାଇଁ ଉଦ୍ଦିଷ୍ଟ ଜମି ଓ ଜଙ୍ଗଲ କେହି ଦଖଲ କରିପାରିବେ ନାହିଁ । ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି ଯେ କଂଗ୍ରେସ ନେତୃତ୍ୱାଧୀନ ସରକାର ସମୟରେ ୨୮ ହଜାର କୋଟି ଟଙ୍କା ଥିବା ଆଦିବାସୀ କଲ୍ୟାଣ ବଜେଟକୁ ନରେନ୍ଦ୍ର ମୋଦି ସରକାରଙ୍କ ଅଧୀନରେ ଏକ ଲକ୍ଷ ୫୦ ହଜାର କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ।

**V/O**

# ଏନ୍‌ଟିଏ-ସିୟୁଟି ଏକ୍‌ଜାମ୍

ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ଚଳିତ ମାସ ୨୮ ତାରିଖରେ ହେବାକୁ ଥିବା ଏକକ ସ୍ନାତକ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା-CUET UG ପରୀକ୍ଷାକୁ ସ୍ଥଗିତ ରଖିଛି। ସୂଚନା ଅନୁଯାୟୀ ଇଦ୍-ଉଲ୍-ଜୁହା ନିମନ୍ତେ ଛୁଟି ତାରିଖରେ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ଖୁବ୍ ଶୀଘ୍ର ସଂଶୋଧିତ ପରୀକ୍ଷା ତାରିଖ ଘୋଷଣା କରାଯିବ ବୋଲି ଏନ୍‌ଟିଏ କହିଛି । ପ୍ରାର୍ଥୀମାନେ ଏନ୍‌ଟିଏର ଅଫିସିଆଲ୍ ୱେବସାଇଟ୍‌ରୁ ସମସ୍ତ ତଥ୍ୟ ପାଇପାରିବେ ବୋଲି କୁହାଯାଇଛି । ଆବଶ୍ୟକସ୍ଥଳେ ପ୍ରାର୍ଥୀମାନେ ୦୧୧-୪୦୭୫୯୦୦୦ରେ ନମ୍ବରରେ ଫୋନ୍ ଯୋଗେ କିମ୍ବା cuet-uginta.ac.in ରେ ଇମେଲ୍ ଜରିଆରେ ସହାୟତା ପାଇପାରିବେ ।

## ଫାଲ୍ଟା-ରେଜଲ୍ଟ

ପଶ୍ଚିମବଙ୍ଗରେ ବିଜେପି ପ୍ରାର୍ଥୀ ଦେବାଂଶୁ ପଣ୍ଡା ଫାଲଟା ବିଧାନସଭା ଆସନରେ ୧ ଲକ୍ଷ ୯ ହଜାର ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସିପିଆଇ(ଏମ୍)ର ପ୍ରାର୍ଥୀ ଶମ୍ଭୁନାଥ କୁର୍ମିଙ୍କୁ ପରାସ୍ତ କରିଛନ୍ତି । ଶମ୍ଭୁନାଥ କୁର୍ମି ୪୦ ହଜାର ୬୪୫ ଭୋଟ ପାଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଅବଦୁର ରଜାକ ମୋଲ୍ଲା ୧୦ ହଜାର ୮୪ଟି ଭୋଟ ସହ ତୃତୀୟ ସ୍ଥାନରେ ରହିଥିଲେ। ଫାଲଟା ବିଧାନସଭା ଆସନରେ ଭୋଟ୍ ଗ୍ରହଣ ସମୟରେ ଅନିୟମିତତା ହୋଇଥିବା ଅଭିଯୋଗ ହେବା ପରେ ନିର୍ବାଚନ କମିଶନ ପୁନଃ ଭୋଟ୍ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଜୟୀ ବିଜେପି ପ୍ରାର୍ଥୀ ଦେବାଂଶୁ ପଣ୍ଡାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହି ବିଜୟ ପଶ୍ଚିମବଙ୍ଗ ଲୋକଙ୍କ ବିଜେପି ପ୍ରତି ଅତୁଟ ବିଶ୍ୱାସକୁ ଦର୍ଶାଉଛି । ଶ୍ରୀ ମୋଦୀ ପଶ୍ଚିମବଙ୍ଗର ବିଜେପି କର୍ମୀମାନଙ୍କୁ ସେମାନଙ୍କର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି ପଶ୍ଚିମବଙ୍ଗର ପ୍ରଗତି ପାଇଁ କାର୍ଯ୍ୟ ଜାରି ରହିବ ।

## ଇଏଲମ୍-ୟୁଏସ୍ ଇଣ୍ଡିପେଣ୍ଡେନ୍ସ

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ ଜୟଶଙ୍କର କହିଛନ୍ତି  ଭାରତ ଏବଂ ଆମେରିକାର ସମସ୍ତ ପ୍ରକାରର ଆତଙ୍କବାଦ ବିରୋଧରେ ଲଢ଼ିବା ପାଇଁ ପ୍ରସ୍ତୁତ ଅଛନ୍ତି । ଗତକାଲି ନୂଆଦିଲ୍ଲୀରେ ଆମେରିକାର ୨୫୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଆୟୋଜିତ ଏକ ସମାବେଶରେ ଉଦ୍‌ବୋଧନ ଦେଇ ଡକ୍ଟର ଜୟଶଙ୍କର କହିଛନ୍ତି ଯେ ଭାରତ ଏବଂ ଆମେରିକା ସର୍ବଦା ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ବିଷୟରେ ସ୍ପଷ୍ଟ ମତ ଦେବା ଉଚିତ, ଯାହା ଉଭୟ ଦେଶ ମଧ୍ୟରେ ଆତଙ୍କବାଦ ବିରୋଧୀ ସହଯୋଗ ପାଇଁ ଗୁରୁତ୍ୱପୂର୍ଣ୍ଣ। ସେ କହିଛନ୍ତି, ବିଶ୍ୱ ଅର୍ଥନୀତିକୁ ବିପଦମୁକ୍ତ କରିବା ଏବଂ ବିଶ୍ୱକୁ ଅଧିକ ବିକଳ୍ପ ପ୍ରଦାନ କରିବା କ୍ଷେତ୍ରରେ ଉଭୟ ରାଷ୍ଟ୍ରର ସମାନ ସ୍ୱାର୍ଥ ରହିଛି। ବୈଦେଶିକ ମନ୍ତ୍ରୀ କହିଛନ୍ତି, ଅନେକ କ୍ଷେତ୍ରରେ ସମନ୍ୱୟ ଯୋଗୁଁ ଉଭୟ ରାଷ୍ଟ୍ର  ପ୍ରଭାବଶାଳୀ ରଣନୈତିକ ଅଂଶୀଦାର ହୋଇପାରିଛନ୍ତି ।

ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓଙ୍କ ଗସ୍ତ ସଂପର୍କରେ ଡକ୍ଟର ଜୟଶଙ୍କର କହିଛନ୍ତି, ଏହି ଗସ୍ତ  ଭାରତ-ଆମେରିକା ସମ୍ପର୍କକୁ ଆହୁରି ଗୁରୁତ୍ୱପୂର୍ଣ୍ଣ କରିଛି ।

# ୟୁଏସ୍-ଇରାନ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଇରାନ ସହିତ ଶୀଘ୍ର କୌଣସି ଚୁକ୍ତି ନ କରିବାକୁ ସେ ତାଙ୍କ ପ୍ରତିନିଧିମାନଙ୍କୁ କହିଛନ୍ତି । ଆମେରିକା ଗଣମାଧ୍ୟମ ଅନୁସାରେ, ହେବାକୁ ଥିବା ଚୁକ୍ତିରେ ୬୦ ଦିନିଆ ଅସ୍ତ୍ରବିରତି ବୃଦ୍ଧି, ହର୍ମୁଜ୍ ପ୍ରଣାଳୀକୁ ପୁନଃ ଖୋଲିବା ଏବଂ ଇରାନର ପରମାଣୁ କାର୍ଯ୍ୟକ୍ରମ ଉପରେ ଅଧିକ ଆଲୋଚନା ହେବାର ଆବଶ୍ୟକତା ରହିଛି । ଆମେରିକା ଏବଂ ଇସ୍ରାଏଲ ଫେବୃଆରୀ ୨୮ ତାରିଖରେ ଇରାନ ଉପରେ ବ୍ୟାପକ ଆକ୍ରମଣ କରିବା ପରେ ମଧ୍ୟପ୍ରାଚ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା ।

# ଆଇପିଏଲ୍ କ୍ରିକେଟ୍

ଆଇପିଏଲ କ୍ରିକେଟରେ ଗତକାଲି କୋଲକାତାର ଇଡେନ ଗାର୍ଡେନରେ ଅନୁଷ୍ଠିତ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୪୦ ରନ୍‌ରେ କୋଲକାତା ନାଇଟ୍ ରାଇଡର୍ସକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଦିଲ୍ଲୀ କ୍ୟାପିଟାଲ୍ସ ନିର୍ଦ୍ଧାରିତ ୨୦ ଓଭର୍‌ରେ ୫ ୱିକେଟ୍ ବିନିମୟରେ ୨୦୩ ରନ୍ ସ୍କୋର କରିଥିଲା । ଜବାବରେ କୋଲକାତା ନାଇଟ୍ ରାଇଡର୍ସ ୧୮ ଓଭର ୪ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ମାତ୍ର ୧୬୩ ରନ କରିଥିଲା । କୁଲ୍‌ଦୀପ ଯାଦବଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା ।

ରାଜସ୍ଥାନର ଓ୍ୱାଙ୍ଖଡେ ଷ୍ଟାଡିୟମରେ ଅନୁଷ୍ଠିତ  ଅନ୍ୟ ଏକ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍‌ସ ୩୦ ରନ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ରାଜସ୍ଥାନ ରୟାଲ୍‌ସ ୨୦ ଓଭର୍‌ରେ ୮ ଓ୍ୱିକେଟ୍ ବିନିମୟରେ ୨୦୫ ରନ୍ ସ୍କୋର କରିଥିବା ବେଳେ ମୁମ୍ବାଇ ଇଣ୍ଡିଆନ୍ସ ସମାନ ସଂଖ୍ୟକ ଓଭର୍‌ରେ ୯ ଓ୍ୱିକେଟ୍ ହରାଇ ୧୭୫ ରନ୍ କରିବାକୁ ସକ୍ଷମ ହୋଇଥିଲା ।